# Exchange of list of prisoners between India and Pakistan

January 01, 2022

## ଭାରତ ଏବଂ ପାକିସ୍ତାନ ମଧ୍ୟରେ ବନ୍ଦୀମାନଙ୍କ ତାଲିକାର ବିନିମୟ

**ଜାନୁଆରୀ 01, 2022**

ନୂଆଦିଲ୍ଲୀ ଏବଂ ଇସଲାମାବାଦଠାରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଆଜି ଭାରତ ଏବଂ ପାକିସ୍ତାନ ନିଜ ହେପାଜତରେ ଥିବା ବେସାମରିକ କଏଦୀ ଓ ମତ୍ସ୍ୟଜୀବୀଙ୍କ ତାଲିକା ବିନିମୟ କରିଛନ୍ତି। 2008 ରେ ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ନିୟମାବଳୀ ଅନୁଯାୟୀ ପ୍ରତିବର୍ଷ 01 ଜାନୁଆରୀ ଏବଂ 01 ଜୁଲାଇରେ ଏହିପରି ତାଲିକା ଆଦାନପ୍ରଦାନ କରାଯାଇଥାଏ।

ଭାରତ ନିଜ ହେପାଜତରେ ଥିବା 282 ପାକିସ୍ତାନୀ ବେସାମରିକ କଏଦୀ ଏବଂ 73 ଜଣ ମତ୍ସ୍ୟଜୀବୀଙ୍କ ତାଲିକା ପାକିସ୍ତାନକୁ ହସ୍ତାନ୍ତର କରିଛି। ସେହିଭଳି ପାକିସ୍ତାନ ନିଜ ହେପାଜତରେ ଥିବା 51 ଜଣ ବେସାମରିକ କଏଦୀ ଏବଂ 577 ମତ୍ସ୍ୟଜୀବୀଙ୍କ ତାଲିକା ଭାରତକୁ ପ୍ରଦାନ କରିଛି, ଯେଉଁମାନେ ଭାରତୀୟ ଅଟନ୍ତି କିମ୍ବା ଭାରତୀୟ ବୋଲି ବିଶ୍ୱାସ କରାଯାଏ।

ବେସାମରିକ କଏଦୀ, ନିଖୋଜ ଭାରତୀୟ ପ୍ରତିରକ୍ଷା କର୍ମଚାରୀ ଏବଂ ମତ୍ସ୍ୟଜୀବୀମାନଙ୍କୁ ସେମାନଙ୍କ ବୋଟ ସହିତ ପାକିସ୍ତାନର ହେପାଜତରୁ ଶୀଘ୍ର ମୁକ୍ତ କରିବା ଏବଂ ଫେରାଇ ଆଣିବାକୁ ଭାରତ ସରକାର ଆହ୍ୱାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ 02 ଜଣ ଭାରତୀୟ ବେସାମରିକ କଏଦୀ ଏବଂ 356 ଜଣ ଭାରତୀୟ ମତ୍ସ୍ୟଜୀବୀ ଯେଉଁମାନଙ୍କର ନାଗରିକତା ସୁନିଶ୍ଚିତ ହୋଇଛି ଓ ଏନେଇ ପାକିସ୍ତାନକୁ ଜଣାଇଦିଆଯାଇଛି, ସେମାନଙ୍କୁ ମୁକ୍ତ କରିବା ତଥା ଭାରତକୁ ଫେରାଇବା ପାଇଁ ପାକିସ୍ତାନକୁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି। ଏତଦ୍ ବ୍ୟତୀତ ପାକିସ୍ତାନ ହେପାଜତରେ ଥିବା 182 ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ 17 ଜଣ ବେସାମରିକ କଏଦୀ ଯେଉଁମାନେ ଭାରତୀୟ ବୋଲି ବିଶ୍ୱାସ କରାଯାଉଛି ସେମାନଙ୍କୁ ତୁରନ୍ତ କନସୁଲାର ସୁବିଧା ପ୍ରଦାନ କରିବାକୁ ପାକିସ୍ତାନକୁ କୁହାଯାଇଛି।

ପାକିସ୍ତାନର ବିଭିନ୍ନ ଜେଲରେ ଥିବା ଭାରତୀୟ ବୋଲି ବିଶ୍ୱାସ କରାଯାଉଥିବା ବିକୃତ ମସ୍ତିଷ୍କ ଭାରତୀୟ କଏଦୀଙ୍କ ମାନସିକ ସ୍ଥିତିକୁ ଆକଳନ କରିବା ପାଇଁ ଭାରତୀୟ ଡାକ୍ତରୀ ବିଶେଷଜ୍ଞ ଦଳର ସଦସ୍ୟଙ୍କୁ ଭିସା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଏବଂ ସେମାନଙ୍କର ପାକିସ୍ତାନ ଗସ୍ତ ସୁବିଧାଜନକ କରିବାକୁ ଭାରତ ସରକାର ପାକିସ୍ତାନକୁ ଅନୁରୋଧ କରିଛନ୍ତି। ମିଳିତ ନ୍ୟାୟିକ କମିଟିର ପାକିସ୍ତାନ ଗସ୍ତର ଶୀଘ୍ର ଆୟୋଜନ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି।

**ନୂଆଦିଲ୍ଲୀ**

**ଜାନୁଆରୀ 01, 2022**

**DISCLAIMER: This is an approximate translation. The original is available in English on MEA’s website and may be referred to as the official press release.**